# NATIONAL NEWS BULLETIN (ODIA)

## 13 April - 2024

## Evening Bulletin : 7.15 p.m.

*************************************

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହେବାରେ ଲାଗିଛି ।
- ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ କଂଗ୍ରେସ ନେତା ରହୁଲ ଗାନ୍ଧୀ ଛତିଶଗଡ଼ରେ ନିର୍ବାଚନ ପ୍ରଚାର କରିଛନ୍ତି ।
- ପଞ୍ଜାବରେ ଶିରୋମଣି ଅକାଳୀ ଦଳ ୧୩ଟି ଲୋକସଭା ଆସନ ମଧ୍ୟରୁ ୭ଟି ପାଇଁ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରିଛି ।
- ନୌବାହିନୀ ମୁଖ୍ୟ ଆଡମିରାଲ ଆର୍. ହରି କୁମାର ଆସନ୍ତାକାଲି ଗୋଆରେ ରାଷ୍ଟ୍ରପତିଙ୍କ ପକ୍ଷରୁ ନୌବାହିନୀ ବୀରତ୍ୱ ପୁରସ୍କାର ଓ ଉଲ୍ଲେଖନୀୟ ସେବା ପୁରସ୍କାର ଗୁଡ଼ିକୁ ପ୍ରଦାନ କରିବେ ।

ଏବଂ

- ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ ସାମରିକ ବାହିନୀର ଆକ୍ରମଣର ଜବାବରେ ହେଜବୋଲା ଇସ୍ରାଏଲ କମାଣ ପୋଜିସନ୍ ଗୁଡ଼ିକ ଉପରେ ରକେଟ୍ ମାଡ଼ କରିଛି ।

# କ୍ୟାମ୍ପେନିଂ

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ହେବାରେ ଲାଗିଛି। ରାଜନୈତିକ ଦଳଗୁଡ଼ିକର ନେତାମାନେ ପାର୍ଟି ପ୍ରାର୍ଥୀମାନଙ୍କ ସମର୍ଥନରେ ପ୍ରଚାର କରୁଛନ୍ତି। ବିଭିନ୍ନ ଦଳର ବଡ଼ ବଡ଼ ନେତାମାନେ ଦେଶର ବିଭିନ୍ନ ଭାଗରେ ର୍‍ୟାଲି ଓ ରୋଡ୍ ଶୋ' ମାନ କରୁଛନ୍ତି।  ପ୍ରଥମ ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନରେ ମତଦାନ ହେବ। ଏହା ସହିତ ସିକିମ୍‌ର ୩୨ଟି ଯାକ ବିଧାନସଭା ଆସନ ଓ ଅରୁଣାଚଳ ପ୍ରଦେଶର ୬୦ଟି ଯାକ ବିଧାନସଭା ଆସନ ପାଇଁ ମଧ୍ୟ ମତଦାନ ହେବ।

ବିଜେପି ସଭାପତି ଜେ.ପି. ନଡ୍ଡା ନାଗାଲାଣ୍ଡର ଏଗ୍ରି ଏକ୍ସପୋ ଚୁମୁକେଡିମା ଠାରେ ଏକ ର୍‍ୟାଲି କରିଛନ୍ତି। ଉତ୍ତର ପୂର୍ବାଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀଙ୍କ ବିଜନ କେବଳ ଆକ୍ଟ ଇଷ୍ଟ ମଧ୍ୟରେ ସୀମିତ ନୁହେଁ, ଉତ୍ତର ପୂର୍ବାଞ୍ଚଳକୁ ଦକ୍ଷିଣ ଏସିଆ ଓ ପୂର୍ବ ଏସିଆ ଲାଗି ସମ୍ପର୍କର ଦ୍ୱାର ଭାବେ ସ୍ଥାପନ କରିବା ସରକାରଙ୍କର ଉଦ୍ଦେଶ୍ୟ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, କଂଗ୍ରେସ ଶାସନରେ ଉତ୍ତର ପୂର୍ବାଞ୍ଚଳ ବିଭାଜନକାରୀ ନୀତି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା। କିନ୍ତୁ ବିଜେପି-ଏନ୍.ଡି.ପି.ପି ଶାସନରେ ଉତ୍ତର ପୂର୍ବାଞ୍ଚଳ ବିକାଶ କରିଛି। ସେ କହିଛନ୍ତି, ୧୧ଟି ଶାନ୍ତି ରାଜିନାମା

ସ୍ୱାକ୍ଷରିତ ହୋଇଛି, ଉତ୍ତର ପୂର୍ବାଞ୍ଚଳର ୯ ହଜାର ୫୦୦ ବିଦ୍ରୋହୀ ଆତ୍ମସମର୍ପଣ କରିଛନ୍ତି  ଓ ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଶତକଡ଼ା ୭୧ଭାଗ ହ୍ରାସ ପାଇଛି ।

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହା କନ୍ୟାକୁମାରୀ ଠାରେ ଏକ ରୋଡ୍ ଶୋ' କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ତାମିଲନାଡୁର ଜନସାଧାରଣଙ୍କ ପାଇଁ ସର୍ବଦା କାଯ୍ୟ କରିଆସୁଅଛନ୍ତି । ଡି.ଏମ୍.କେ. ସନାତନ ଧର୍ମ ଓ ରାମ ମନ୍ଦିର  ର ବିରୋଧୀ ବୋଲି ଦୋଷାରୋପ କରି ଏହା ସଂଖ୍ୟାବହୁଳ ସମାଜର ମନୋଭାବ ପ୍ରତି ଆଘାତ ପହଁଞ୍ଚାଉଥିବାର ସେ କହିଛନ୍ତି । ବିଜେପି ସମାଜର ସବୁ ବର୍ଗ ସହ ଜଡ଼ିତ ରହିଛି ଓ ବିକଶିତ ଭାରତ ଆଡ଼କୁ ଅଗ୍ରସର ହେଉଛି । ଶ୍ରୀ ଶାହା କହିଛନ୍ତି, ଡି.ଏମ୍.କେ.-କଂଗ୍ରେସ ଦୁର୍ନୀତିଗ୍ରସ୍ତ ରହିଛନ୍ତି ।

ବିଜେପି ନେତା ନିର୍ମଳା ସୀତାରମଣ ତାଞ୍ଜାବୁର ଠାରେ ନିର୍ବାଚନ ପ୍ରଚାର କରିଛନ୍ତି । ସେ କହିଛନ୍ତି, ବିଜେପି ସରକାର ୧୦ ବର୍ଷ ଭିତରେ ଅନେକ ଯୋଜନା ଲାଗୁ କରିଛନ୍ତି । ଡି.ଏମ୍.କେ-କଂଗ୍ରେସ ମେଣ୍ଟ କେବଳ ଫମ୍ପା ଦାବି କରୁଥିବାର ସେ ଦୋଷାରୋପ କରିଛନ୍ତି ।

ବିଜେପି ନେତା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ବିଶ୍ୱସ୍ତରୀୟ ମୌଳିକତାଞ୍ଚା ସହ ଭାରତ ବର୍ତ୍ତମାନ ବିଶ୍ୱଗୁରୁ

ଭାବେ ସ୍ୱୀକୃତି ଲାଭ କରୁଛି । ମୋରୋଦାବାଦ ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଭାରତ ବିଶ୍ୱକୁ ବିକାଶ ଓ କଲ୍ୟାଣର ମଡେଲ ଯୋଗାଉଛି ।

ବହୁଜନ ସମାଜପାର୍ଟି ମୁଖ୍ୟ ମାୟାବତୀ ହରିଦ୍ୱାର ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ସେ କହିଛନ୍ତି, ସ୍ୱାଧୀନତା ପରେ କେନ୍ଦ୍ରରେ ଓ ଅଧିକାଂଶ ରାଜ୍ୟରେ ଶାସନ କରୁଥିବା କଂଗ୍ରେସ ପାର୍ଟି ଏହାର ଦଳିତ ବିରୋଧୀ, ଆଦିବାସୀ ବିରୋଧୀ ଓ ଭୁଲ ନୀତି ପାଇଁ କ୍ଷମତାରୁ ବାହାରି ଯାଇଛି ।

ଉତ୍ତରାଖଣ୍ଡର ରାମନଗର ଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇ କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, ବିଜେପି ଶାସନରେ ଗ୍ୟାସ ସିଲିଣ୍ଡର ଠାରୁ ଆରମ୍ଭ କରି ପେଟ୍ରୋଲ-ଡିଜେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଗୁଡ଼ିକର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ଭଣ୍ଡାରା-ଗୋଣ୍ଡିଆ ଲୋକସଭା ଆସନରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି ।

ତେଲଙ୍ଗାନାରେ ଏମ୍.ଆଇ.ଏମ୍. ସଭାପତି ଅସାଦଉଦ୍ଦିନ ଓୱାଇସି ହାଇଦ୍ରାବାଦ ଲୋକସଭା ନିର୍ବାଚନ ମଣ୍ଡଳୀରେ ଘର ଘର ବୁଲି ପ୍ରଚାର

କରୁଛନ୍ତି । ବିଜେପି ରାଜ୍ୟଶାଖା ସଭାପତି ତଥା କେନ୍ଦ୍ରମନ୍ତ୍ରୀ ଜି.କିଶନ ରେଡ୍ଡୀ ସିକନ୍ଦରାବାଦ ନିର୍ବାଚନ ମଣ୍ଡଳୀରେ ଜିପ୍ ଯାତ୍ରା କରିଛନ୍ତି ।

## ଛତିଶଗଡ଼-ରାଜନାଥ

ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ କଂଗ୍ରେସ ପାର୍ଟି କ୍ଷମତାରେ ଥିବାବେଳେ ଦୁର୍ନୀତିରେ ଲିପ୍ତ ଥିବାର ଦୋଷାରୋପ କରିଛନ୍ତି । ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାର ଗିଡମ୍ ସହରରେ ଏକ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କଂଗ୍ରେସ ସରକାର ଯେତେବେଳେ ଶାସନକୁ ଆସୁଛି ସେତେବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ଗୁଡ଼ିକରେ ଦୁର୍ନୀତି ବୃଦ୍ଧି ପାଉଛି ।

ବସ୍ତର ଲୋକସଭା ନିର୍ବାଚନ ମଣ୍ଡଳୀରେ ପାର୍ଟି ପ୍ରାର୍ଥୀ ମହେଶ କାଶ୍ୟପଙ୍କ ସମର୍ଥନରେ ପ୍ରଚାର କରି ସେ କହିଛନ୍ତି, ବିଜେପି ପାଇଁ ଆଦିବାସୀ ସମ୍ପ୍ରଦାୟ କେବଳ ଭୋଟ୍ ବ୍ୟାଙ୍କ ନୁହେଁ, ଏହା ଗୌରବର ଶ୍ରୋତ । ଆଦିବାସୀ ସମ୍ପ୍ରଦାୟ ପ୍ରତି ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପର ସେ ଉଲ୍ଲେଖ କରିଛନ୍ତି । ଛୋଟ ଛୋଟ ଜଙ୍ଗଲ ଜାତ ପଦାର୍ଥ ଗୁଡ଼ିକ ପାଇଁ ଉତ୍ତମ ମୂଲ୍ୟ ମିଳିବା ସକାଶେ ସରକାର ଗ୍ରହଣ କରିଥିବା ନୀତି ଗୁଡ଼ିକର ଉଲ୍ଲେଖ କରି ସେ କହିଛନ୍ତି, ଆଦିବାସୀମାନଙ୍କର ଉତ୍ଥାନ ପାଇଁ ସରକାର ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି ।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବସ୍ତର୍ ଲୋକସଭା ନିର୍ବାଚନ ମଣ୍ଡଳୀରେ ପାର୍ଟି ପ୍ରାର୍ଥୀ କଓ୍ୱାସି ଲକ୍ଷ୍ମାଙ୍କ ସମର୍ଥନରେ ପ୍ରଚାର କରିଛନ୍ତି । ପାର୍ଟି କ୍ଷମତାକୁ ଆସିଲେ ବ୍ୟାପକ ସଂସ୍କାର ଅଣାଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରୀ ଗାନ୍ଧୀ ମହାଲକ୍ଷ୍ମୀ ଯୋଜନାର ଉଲ୍ଲେଖ କରିଛନ୍ତି । ମହାଲକ୍ଷ୍ମୀ ଯୋଜନାରେ ମହିଳାମାନଙ୍କୁ ଆର୍ଥିକ ସହାୟତା ଦିଆଯିବା ଲକ୍ଷ୍ୟ ରହିଛି । ବିଜେପି ଅର୍ଥନୈତିକ ତାରତମ୍ୟ ବଢ଼ାଉଥିବାର ସେ ଦୋଷାରୋପ କରିଛନ୍ତି । ଆଦିବାସୀ ସମ୍ପ୍ରଦାୟ ପାଇଁ କଂଗ୍ରେସ ପାର୍ଟିର ସଂକଳ୍ପବଦ୍ଧତାର ଉଲ୍ଲେଖ କରି ସେ କହିଛନ୍ତି, ଜଳ, ଜଙ୍ଗଲ ଓ ଜମି ଭଳି ପ୍ରାକୃତିକ ସମ୍ପଦ ଗୁଡ଼ିକ ଉପରେ ସେମାନଙ୍କର ପ୍ରଥମ ଅଧିକାର ରହିଛି । ବିଜେପି ସରକାର ପୁଞ୍ଜିପତି ମାନଙ୍କୁ ଅନୁକମ୍ପା ପ୍ରଦର୍ଶନ କରୁଥିବାର ଦୋଷାରୋପ କରି ସେ କହିଛନ୍ତି, ସେମାନଙ୍କୁ ଜଙ୍ଗଲ ଓ ଜମିଜମା ସମ୍ପଦ  ହସ୍ତାନ୍ତର କରାଯାଉଛି । ଚଳିତ ଲୋକସଭା ନିର୍ବାଚନ ନୀତିଗତ ସଂଗ୍ରାମ ବୋଲି ଅଭିହିତ କରି ସେ କହିଛନ୍ତି, କଂଗ୍ରେସ ଗଣତନ୍ତ୍ର ଓ ଭାରତୀୟ ସମ୍ବିଧାନର ସୁରକ୍ଷା କରୁଥିବାବେଳେ ବିଜେପି ଏହାର କ୍ଷୟ ଦିଗରେ କାର୍ଯ୍ୟ କରୁଛି ।

## ଅନୁରାଗ ଠାକୁର-କ୍ୟାମ୍ପେନ

ତଥ୍ୟ ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟପ୍ରଦେଶର ପାନ୍ଧୁର୍ଣ୍ଣା ଠାରେ ବିରୋଧୀ ମେଣ୍ଟର ସମାଲୋଚନା କରିଛନ୍ତି । ସେ କହିଛନ୍ତି,

ବିରୋଧୀ ଦଳ ଗୁଡ଼ିକର ମେଣ୍ଟରେ  ଜଣେ ନେତା ନାହାଁନ୍ତି, ସେମାନଙ୍କର ଉଦ୍ଦେଶ୍ୟ ଏକ ନୁହେଁ, ନେତୃତ୍ୱ ସମାନ ନୁହେଁ ଓ ନୀତି ମଧ୍ୟ ସମାନ ନୁହେଁ। ସେମାନଙ୍କର ଉଦ୍ଦେଶ୍ୟ ସମାନ  ନ ଥିବାବେଳେ ଇସ୍ତାହାର ମଧ୍ୟ ପୃଥକ। ପାନ୍ଧୁର୍ଣ୍ଣାରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି, ଦେଶ କେବେବି ଏଭଳି ମେଣ୍ଟକୁ ଗ୍ରହଣ କରିବ ନାହିଁ କିମ୍ବା ସେମାନଙ୍କର ନୀତିକୁ ଆପଣେଇ ପାରିବ ନାହିଁ। କଂଗ୍ରେସ ଆଦିବାସୀମାନଙ୍କର ଶୋଷଣ କରୁଥିବାର ଦୋଷାରୋପ କରି ଆମ୍ ଆଦ୍‌ମୀ ପାର୍ଟି ରାଜନୀତିର ମଧ୍ୟ ସେ ସମାଲୋଚନା କରିଛନ୍ତି।

## ପଞ୍ଜାବ ଲୋକସଭା ଇଲେକସନ୍

ପଞ୍ଜାବରେ ଶିରୋମଣି ଅକାଳୀ ଦଳ ୧୩ଟି ଲୋକସଭା ଆସନ ମଧ୍ୟରୁ ୭ଟି ପାଇଁ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରିଛି। ପାର୍ଟିର ଜଣେ ମୁଖପାତ୍ର କହିଛନ୍ତି, କୋର୍ କମିଟିର ନିଷ୍ପତ୍ତି ଅନୁସାରେ, ୭ଜଣ ପ୍ରାର୍ଥୀଙ୍କର ପ୍ରଥମ ତାଲିକା ପ୍ରକାଶ ପାଇଛି। ପ୍ରଫେସର ଦଲଜିତ ସିଂ ଚିମା’ ଗୁରୁଦାସପୁର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ପ୍ରେମ ସିଂ ଚନ୍ଦୁମାଜରା’ ଆନନ୍ଦପୁର ସାହିବରୁ, ଏନ୍.କେ ଶର୍ମା’ ପଟିଆଲାରୁ, ଅନିଲ ଯୋଶୀ’ ଅମ୍ରିତସରରୁ, ବିକ୍ରମ ସିଂ ଖଲସା’ ଫତେଗଡ଼ ସାହିବରୁ, ରାଜବିନ୍ଦର ସିଂ’ ଫରିଦକୋର୍ଟରୁ ଓ ଇକବାଲ୍ ସିଂ ଝୁଣ୍ଡନ’ ସଙ୍ଗରୁଲ୍

ଲୋକସଭା ଆସନରୁ ପ୍ରତିଦ୍ୱନ୍ଦିତା କରିବେ। ମୁଖପାତ୍ର କହିଛନ୍ତି, ଅବଶିଷ୍ଟ ୬ଟି ଲୋକସଭା ଆସନ ପାଇଁ ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ।

## ଇଣ୍ଡିଆନ୍- ନେଭି ଆୱାର୍ଡସ

ନୌବାହିନୀ ମୁଖ୍ୟ ଆଡମିରାଲ ଆର୍. ହରି କୁମାର ଆସନ୍ତାକାଲି ଗୋଆରେ 'ନୌବାହିନୀ ପଦାଧିକାର ପ୍ରଦାନ ଉତ୍ସବ-୨୦୨୪'ରେ ବୀରତ୍ୱ ପୁରସ୍କାର ଓ ଉଲ୍ଲେଖନୀୟ ସେବା ପୁରସ୍କାର ଗୁଡ଼ିକୁ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରଦାନ କରିବେ। ଆଇ.ଏନ୍.ଏସ୍. ହଂସ ନୌଘାଟୀ ଠାରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ନୌବାହିନୀ ଅଫିସର ଓ କର୍ମଚାରୀମାନଙ୍କୁ ପୁରସ୍କାର କରାଯିବ। ପୁରସ୍କାର ଗୁଡ଼ିକ ମଧ୍ୟରେ ବୀରତ୍ୱ ପାଇଁ ନାଓ ସେନା ପଦକ, କର୍ତ୍ତବ୍ୟନିଷ୍ଠତା ପାଇଁ ନାଓ ସେନା ପଦକ ଓ ବିଶିଷ୍ଟ ପଦକ ମାନ ରହିଛି। ଏହି ସମୟରେ ନୌବାହିନୀ ମୁଖ୍ୟ କ୍ୟାପଟେନ ରବି ଧିର୍ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ ଲେଫ୍ଟନାଣ୍ଟ ଭି.କେ ଜୈନ ସ୍ମାରକୀ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ। ଉତ୍ସବରେ ବିଭିନ୍ନ ୟୁନିଟ୍‌କୁ ମଧ୍ୟ ପୁରସ୍କୃତ କରାଯିବ।

# ହେଜବୋଲା ଆଟାକ୍

ହେଜବୋଲା କହିଛି, ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ ସାମରିକ ବାହିନୀର ଆକ୍ରମଣର ଜବାବରେ ଏହା ଇସ୍ରାଏଲ କମାଣ ପୋଜିସନ୍ ଗୁଡ଼ିକ ଉପରେ ଅନେକ ରକେଟ୍ ମାଡ଼ କରିଛି। ଇରାନ୍ ସମର୍ଥିତ ଲେବାନନ୍‌ର ଏହି ସଶସ୍ତ୍ର ଗୋଷ୍ଠୀ ଅନେକ **କାତ୍ୟୁଶା** ରକେଟ୍ ଉତ୍ତର ଇସ୍ରାଏଲ ଓ ଅଧିକୃତ ଗୋଲାନ୍ ହାଇଟ୍‌ର କମାଣ ପୋଜିସନ୍ ଗୁଡ଼ିକ ଉପରେ ମାଡ଼ କରିଥିବାର ଗତ ବିଳମ୍ବିତ ରାତ୍ରିରେ ନିଶ୍ଚିତ କରିଛି। ଉତ୍ତର ଇସ୍ରାଏଲର ଅପରଗାଲିଲିରେ ରକଟେ୍ ଗୁଡ଼ିକୁ ମାଡ଼ କରାଯାଇଥିବାର କୁହାଯାଇଛି। ଇସ୍ରାଏଲ ସାମରିକ ବାହିନୀ କହିଛି, ଲେବାନନ୍ ଅଞ୍ଚଳରୁ ଆସୁଥିବା ୪୦ଟି ରକେଟ୍‌କୁ ଠାବ କରାଯାଇ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ରକେଟକୁ ପ୍ରତିହତ କରାଯାଇଛି। ଅବଶିଷ୍ଟ ରକେଟ୍ ଗୁଡ଼ିକ ଖୋଲା ସ୍ଥାନରେ ପଡ଼ିଛି ଓ କେହି ମୃତାହତ ହୋଇ ନ ଥିବାର ଜଣାପଡ଼ିଛି। ଇସ୍ରାଏଲ ସାମରିକ ବାହିନୀ କହିଛି, ପର୍ବୂରୁ ଏହା ବିସ୍ଫୋରକ ପଦାର୍ଥ ଭରା ହେଜବୋଲାର ଦୁଇଟି ଡ୍ରୋନ୍‌କୁ ପ୍ରତିହତ କରିଥିଲା। ସେଗୁଡ଼ିକ ଲେବାନନ୍ ସୀମା ପାର୍ କରି ଇସ୍ରାଏଲ ଅଞ୍ଚଳ ମଧ୍ୟକୁ ଆସିଥିଲା। ପାଲେଷ୍ଟିନୀୟ ଗୋଷ୍ଠୀ ହମାସ୍‌ର ଏକ ମିତ୍ରଗୋଷ୍ଠୀ ହେଜବୋଲା ଓ ଇସ୍ରାଏଲ ସୈନ୍ୟମାନଙ୍କ ମଧ୍ୟରେ ପ୍ରତିଦିନ ଗୁଳି ବିନିମୟ ହେଉଛି।

ଗାଜାରେ ଯୁଦ୍ଧବିରତି ଲାଗୁ ହେଲେ ହେଜବୋଲା ଗୋଷ୍ଠୀ ଇସ୍ରାଏଲ ଉପରେ ଆକ୍ରମଣ ବନ୍ଦ କରିବ ବୋଲି କହିଛି । ଯଦିଓ ଏହି ଆକ୍ରମଣଗୁଡ଼ିକ ମଧ୍ୟରୁ ଅଧିକାଂଶ ସୀମା ଅଞ୍ଚଳ ମଧ୍ୟରେ ସୀମିତ ରହିଛି, ତେବେ ବାରମ୍ବାର ଏଭଳି ଆକ୍ରମଣ ବିବାଦକୁ ଘନୀଭୂତ କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।